**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**


**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**


**ତା.୧୭/୦୧/୨୦୧୩**

**ବି.ଜେ.ପି ର ଜାତୀୟ ମୁଖପାତ୍ର ଓ ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କର ୧୭/୦୧/୨୦୧୩ରେ ଦେଇଥିବା ପ୍ରେସ ବିଜ୍ଞପ୍ତି ।**

ଦେଶର ଦରଦାମ ବୃଦ୍ଧିର ଚକ୍ରବ୍ୟୁହରେ ସାଧାରଣ ଜନତା ହିଁ ଅତ୍ୟନ୍ତ ଭାବରେ ଆକ୍ରାନ୍ତ ହେଉଅଛି । ଏପରି ସ୍ଥିତିରେ ସରକାର ମୁଦ୍ରାସ୍ଫୀତୀକୁ ନିୟନ୍ତ୍ରଣ କରି ଜନତାଙ୍କ ଉପରୁ ଦରଦାମର ବୋଝ ହାଲୁକା କରିବା ପରିବର୍ତ୍ତେ ବରଂ ରେଳଭଡ଼ାଠାରୁ ତୈଳ ପର୍ଯ୍ୟନ୍ତ ସମସ୍ତ ଜିନିଷର ଦରଦାମ ବୃଦ୍ଧି କରାଇବାରେ ଲାଗିଛନ୍ତି । ବି.ଜେ.ପି, କେନ୍ଦ୍ର ସରକାରଙ୍କର ଏପରି ଓ.ଏମ.ସି କୁ ବାରମ୍ବାର କରି ତୈଳର ଦର ବୃଦ୍ଧି ପାଇଁ ଅନୁମତି ଦେବାର ନିଷ୍ପତ୍ତିକୁ ଘୋର ନିନ୍ଦା କରୁଅଛି ଏବଂ ଏପରି ମାତ୍ର କିଛି ଦିନ ମଧ୍ୟରେ ଡ଼ିଜେଲ ଦର ଲିଟର ପିଛା ୧୦ ଟଙ୍କା ବୃଦ୍ଧି କରାଇବାର ପ୍ରତ୍ୟୁତ୍ତର ମାଗୁଅଛି ।

ସରକାର ତାଙ୍କର ନୀତି ନିୟମର ଘୋଷଣା କରିବା ବା ରାଷ୍ଟ୍ରପତି ଅଭିଭାଷଣ ସମୟରେ ତୈଳ ବା ଏଲ.ପି.ଜି ଗ୍ୟାସ ଆଦିର ଦର ବୃଦ୍ଧି କଥା ଆଦୌ ଘୋଷଣା କରି ନଥିଲେ । ଯେଉଁଥିରୁ ସରକାରଙ୍କର ନୀତି ନିୟମରେ ଥିବା ଅନିୟମିତତା ସ୍ପଷ୍ଟ ପ୍ରମାଣିତ ହୁଏ । ଦେଶର ପ୍ରେଟ୍ରୋଲିୟମ ମନ୍ତ୍ରୀଙ୍କ ୪ ଥର ପରିବର୍ତ୍ତନ କରାଯିବା, ଖଣିଜ ତୈଳର ୧୫ ଥର ଦର ବୃଦ୍ଧି ଆଦି ଘଟଣା ମଧ୍ୟ ଏହାର ଜ୍ୱଳନ୍ତ ଉଦାହରଣ । ଯାହାକି ନିଶ୍ଚିତ ଭାବରେ ଦେଶର ଅର୍ଥନୀତିକୁ ବିରାଟ କ୍ଷତି ପହଁଚାଇବ ।

ଡ଼ିଜେଲ ଦର ବୃଦ୍ଧି ଯୋଗୁଁ ସେଥି ସହ ଜଡ଼ିତ ଯାନ ବାହାନ, ପରିବହନ, ଯାତ୍ରୀ ଭଡ଼ା ଉପରେ ମଧ୍ୟ ବିରାଟ ପ୍ରଭାବ ପକାଇବ । ଏପରିକି ଜଳ ସେଚନ, ଟ୍ରାକ୍ଟର ଭଡ଼ା ତଥା ଅନ୍ୟାନ କୃଷି ଭିତ୍ତିକ ସାମଗ୍ରୀର ମଧ୍ୟ ଦର ବୃଦ୍ଧି ହୋଇଯିବ ।

ଆଜି ଆମ ଦେଶ ଏକ ଉଚ୍ଚ କର ନୀତି ନେଇ ଚାଲୁଅଛି । କେନ୍ଦ୍ର ସରକାର କେବଳ ଏହି ଖଣିଜ ତୈଳ କ୍ଷେତ୍ରରୁ ୨ ଲକ୍ଷ କୋଟି ଟଙ୍କାର ଅର୍ଥ ସଂଗ୍ରହ କରୁଛନ୍ତି । ବଳକା ଅସଂଗୃହୀତ ଅର୍ଥକୁ ସରକାର ଜନତାଙ୍କଠାରୁ କିଛି ଆନ୍ତର୍ଜାତୀୟ ଜିନିଷର ଦର ବୃଦ୍ଧି କରି କର ମାଧ୍ୟମରେ ହାସଲ କରିବାକୁ ଚାହୁଁଛନ୍ତି ।

ଆହୁରି ମଧ୍ୟ ଘରୋଇ ବ୍ୟବହାର ପାଇଁ ୧୨ ମାସ ମଧ୍ୟରେ ଏଲ.ପି.ଜି ଗ୍ୟାସକୁ ୬ଟି ଯୋଗାଇବା ଓ ତାହାକୁ ବୃଦ୍ଧି କରାଇ ପୁଣି ୯ଟି କରିବା ସରକାରଙ୍କର ଏକ ନାଟକ କହିଲେ ଅତ୍ୟକ୍ତି ହେବ ନାହିଁ । ବିଗତ ୬୦ ବର୍ଷ ଧରି ଘରୋଇ ବ୍ୟବହାର ପାଇଁ ଆବଶ୍ୟକ ମୁତାବକ ଏଲ.ପି.ଜି ଗ୍ୟାସ ଯୋଗାଯାଇ ଆସିଛି । ତେଣୁ ସରକାରଙ୍କର ତାହା ଉପରେ ୬ ବା ୯ଟି କହି କଣାକଣାକୁ ପ୍ରତ୍ୟାହାର କରି ଜନତାଙ୍କୁ ଆବଶ୍ୟକ ମୁତାବକ ଏଲ.ପି.ଜି ଗ୍ୟାସ ଯୋଗାଇବା ଆବଶ୍ୟକ ।

**ଓ.ପି.କୋହଲି**

**ମୁଖ୍ୟାଳୟ ପ୍ରମୁଖ**